By website
Office Notice Board

# ଶ୍ରୀ ଜଗନ୍ନାଥ ମନ୍ଦିର କାର୍ଯ୍ୟାଳୟ, ପୁରୀ

ବିଜ୍ଞାପନ ସଂଖ୍ୟା...3366... ତା...31.3.17...

## ଲଘୁ ଖଣିଜ ତଥା ନିର୍ମାଣ ପଥର ଖାଦାନ ନିମନ୍ତେ ଦୀର୍ଘ ମିଆଦି ଲିଜ୍ ନିଲାମ ଇସ୍ତାହାର

ଏତଦ୍ଵାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇଦିଆଯାଉଅଛି କି, ଶ୍ରୀ ଜଗନ୍ନାଥ ମହାପ୍ରଭୁ ବିଜେ-ପୁରୀଙ୍କ ଅଧିନସ୍ଥ ଖୋରଧା ଜିଲ୍ଲା ଅନ୍ତର୍ଗତ ନିମ୍ନଲିଖିତ ଲଘୁ ଖଣିଜ ନିର୍ମାଣ ପଥର ଖାଦାନ ଗୁଡିକ ଅନ୍ୟୁନ ୫ ବର୍ଷ ନିମନ୍ତେ ଦୀର୍ଘମିଆଦି ଲିଜ୍ ୨୦୧୭-୧୮ ଆର୍ଥିକ ବର୍ଷ ଠାରୁ ୨୦୨୨-୨୩ ଆର୍ଥିକ ବର୍ଷ ନିମନ୍ତେ ସଂଲଗ୍ନ ବିବରଣୀ ମୁତାବକ ପ୍ରଦାନ କରାଯିବା ନିମନ୍ତେ ଦରଖାସ୍ତ ଆହ୍ଵାନ କରାଯାଉଅଛି । ଇଚ୍ଛୁକ ବ୍ୟକ୍ତି ବିଶେଷ/ଅନୁଷ୍ଠାନ OMMC Rules,2016 ର Form-M ପୁରଣ କରି ଏହାର ତିନି କପି ସହ ନିମ୍ନଲିଖିତ ଦଲିଲ ଦସ୍ତାବିଜ ସଂଲଗ୍ନ କରି ଜଉମୁଦ Sealed Cover ରେ ଆବେଦନ କରିବେ, ଯାହାକି, ନିମ୍ନସ୍ଵାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ନିମ୍ନସୂଚୀ ଅନୁଯାୟୀ କେବଳ ରେଜିଷ୍ଟି ଡାକ/ସ୍ପିଡ୍ ପୋଷ୍ଟ/ରେଜିଷ୍ଟ୍ରଡ୍ କୋରୀୟର ଦ୍ଵାରା ଗ୍ରହଣ କରାଯିବ । ଲଫାପା ଉପରେ ସୈରାତ ଉତ୍ସର ନାମ ଓ ସୈରାତ କେଶ ନଂ ଉଲ୍ଲେଖ ରହିବା ଏକାନ୍ତ ଆବଶ୍ୟକ । ଲଫାପା ଉପରେ ସୈରାତ ଉତ୍ସର ନାମ ନରହିଲେ ଏହା ବିଚାରକୁ ନିଆଯିବ ନାହିଁ । ଧାର୍ଯ୍ୟ ତାରିଖ ଓ ସମୟ ପରେ ପ୍ରାପ୍ତ ଦରଖାସ୍ତକୁ ବିଚାରକୁ ନିଆଯିବ ନାହିଁ । ଅସମ୍ପୂର୍ଣ୍ଣ ଦରଖାସ୍ତକୁ ବାତିଲ କରାଯିବ । କୌଣସି କାରଣ ନଦର୍ଶାଇ ଲିଜକୁ ସ୍ଥଗିତ ବା ରଦ୍ଦ କରିବାର କ୍ଷମତା ନିମ୍ନସ୍ଵାକ୍ଷରକାରୀଙ୍କ ଅଛି । ପ୍ରଥମ ପର୍ଯ୍ୟାୟ ଲିଜ୍ ଆବେଦନ ପାଇଁ ଦରଖାସ୍ତ/ Sealed Tender ଗ୍ରହଣର ଶେଷ ତାରିଖ 18.04.17 (18.4.17) ଅପରାହ୍ନ ୫ ଘଟିକା ଅଟେ । ତାର ପରଦିନ ତା. 19.04.17 (19.4.17) ଦିବା ୧୧.୩୦ ଘଟିକା ସମୟରେ ପୁରୀ କାର୍ଯ୍ୟାଳୟରେ ଦରଖାସ୍ତକାରୀ ବା ତାଙ୍କ କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଉପସ୍ଥିତିରେ Sealed Tender ଖୋଲାଯାଇ ଟେଣ୍ଡରଧାରୀଙ୍କ ମଧ୍ୟରେ ନିଲାମ ପ୍ରକ୍ରିୟାରେ ଅତିରିକ୍ତ ମୂଲ୍ୟ (Additional Charge) ସର୍ବୋଚ୍ଚ ବା ସର୍ବାଧିକ ଦର୍ଶାଉଥିବା ଦରଖାସ୍ତକାରୀଙ୍କୁ ଯଦି ଆନୁସଙ୍ଗିକ କାଗଜାତ୍/ଦଲିଲ ଓ ଅନ୍ୟାନ୍ୟ ସର୍ତ୍ତାବଳୀ ଠିକ୍ ଥିବ ତେବେ ତାଙ୍କୁ ଯୋଗ୍ୟ ବିବେଚିତ କରାଯିବ । ଏକାଧିକ ବ୍ୟକ୍ତି ସମ୍ପୃକ୍ତ ଖାଦାନ ପାଇଁ ସମାନ ଅତିରିକ୍ତ ମୂଲ୍ୟ ଦର୍ଶାଇଥିଲେ ଲଟେରି ମାଧ୍ୟମରେ ଯୋଗ୍ୟ ବ୍ୟକ୍ତିଙ୍କୁ ସ୍ଥିର କରାଯିବ । ପ୍ରଥମ ନିର୍ଦ୍ଧାରିତ ତାରିଖ ଦିନ ଯେଉଁ ଉତ୍ସଗୁଡିକର ନିଲାମ ପ୍ରକ୍ରିୟା ସ୍ଥିର ହୋଇପାରିବ ନାହିଁ, ବିଜ୍ଞାପନରେ ଉଲ୍ଲେଖ ଥିବା ପରବର୍ତ୍ତି ତାରିଖ ଓ ସମୟରେ ନିଲାମକାର୍ଯ୍ୟ ଅନୁଷ୍ଠିତ ହେବ । ଦ୍ଵିତୀୟ ପର୍ଯ୍ୟାୟ ଧାର୍ଯ୍ୟ ତାରିଖ ପୂର୍ବଦିନ ଅପରାହ୍ନ ୫ ଘଟିକା ପର୍ଯ୍ୟନ୍ତ ପ୍ରଥମ ପର୍ଯ୍ୟାୟରେ ନିଲାମ ହୋଇନଥିବା ଖଣି ପାଇଁ ଦରଖାସ୍ତ ଗ୍ରହଣ କରାଯିବ । ଏହି ସୈରାତ ଉତ୍ସ ଲିଜ୍ ସମ୍ବନ୍ଧୀୟ ସମସ୍ତ ତଥ୍ୟ www.khordha.nic.in/ www.jagannath.nic.in website ରେ ଉପଲବ୍ଧ ହେବ । ଏହା ବ୍ୟତୀତ ଏଥି ସମ୍ବନ୍ଧୀୟ ସମସ୍ତ ବିବରଣୀ ଓ ଅନ୍ୟାନ୍ୟ ନିୟମାବଳୀ ଶ୍ରୀମନ୍ଦିର କାର୍ଯ୍ୟାଳୟ,ପୁରୀ/ଶ୍ରୀମନ୍ଦିର ଶାଖା କାର୍ଯ୍ୟାଳୟ,ଜଟଣୀ/ଉପ ଜିଲ୍ଲାପାଳ, ଖୋରଧାଙ୍କ କାର୍ଯ୍ୟାଳୟରୁ ସରକାରୀ କାର୍ଯ୍ୟ ଦିବସରେ ୧୦-୫ ଘଟିକାରେ ଉପଲବ୍ଧ ହେବ । ଇଚ୍ଛୁକ ବ୍ୟକ୍ତି ବିଶେଷ/ସଂସ୍ଥା ଜଉମୁଦ ଲଫାପା ଆବେଦନ ପତ୍ରଗୁଡିକୁ ମୁଖ୍ୟ ରାଜସ୍ୱ ସେଲ୍,ଶ୍ରୀ ବିନୋଦ ବିହାରୀ ମହାନ୍ତିଙ୍କ ନାମ ଠିକଣାରେ ପଠାଇବେ, ନଚେତ୍ ଏହା ସ୍ଵତଃ ନାକଚ୍ ହୋଇଯିବ ।

ସ୍ୱାକ୍ଷର